## ସଂକ୍ଷେପରେ

### ପଞ୍ଚାୟତ ସମିତି ବୈଠକ

ଗୋବିନ୍ଦପାଲି, ୨୭।୨ (କାର୍ତ୍ତିକ ରଥ)

ଖଇରପୁଟ ବ୍ଲକରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧ୍ୟକ୍ଷ ବିଶ୍ୱ କିର୍ଷାନୀ ଅଧ୍ୟକ୍ଷତା କରିଥିବା ବେଳେ ବିଡିଓ ଉମାଶଙ୍କର କୋୟା,ସମସ୍ତ ସରପଞ୍ଚ,ସମିତି ସଭ୍ୟ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ସମସ୍ତ ବିଭାଗର ମୁଖ୍ୟ, ବିଧାୟକ ପ୍ରତିନିଧି ନିରଞ୍ଜନ ରାଉ, ଏମ୍‌ପି ପ୍ରତିନିଧି ସିଦ୍ଧାର୍ଥ ରଥ ଉପସ୍ଥିତ ଥିଲେ। ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଆବାସ ଯୋଜନା, କୃଷି,ଦୁଗ୍ଧ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଗତ ଦିନ ଗୁଡିକରେ ପଞ୍ଚାୟତସ୍ତରରେ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ପାଇଁ ହୋଇଥିବା ଗ୍ରାମସଭାଗୁଡ଼ିକରେ ସମିତି ସଭ୍ୟମାନଙ୍କୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଅନେକ ପ୍ରକଳ୍ପ ଓ ଲୋକ ହିତକର କାମ ସ୍ଥାନ ପାଇ ପାରିଲା ନାହିଁ ବୋଲି ପ୍ରକାଶ କରିଥିଲେ। ଏହା ଉପରେ ଆଲୋଚନା କରାଯିବା ପରେ ସମସ୍ତ ସମିତି ସଭ୍ୟମାନଙ୍କୁ ଅନୁରୋଧ କରାଯାଇଥିଲା। ସେମାନେ ଲୋକାଭିମୁଖୀ କାର୍ଯ୍ୟ ନିମନ୍ତେ ଯାହାକି ଜନ ହିତକର କାମ ଦେବାକୁ ଚାହାନ୍ତି ଦିନେ ଦୁଇ ଦିନ ମଧ୍ୟରେ ଦିଅନ୍ତୁ ଓ ସେଗୁଡିକୁ ତାଲିକାଭୁକ୍ତ କରାଯିବ। ଗ୍ରୀଷ୍ମ ଦିନ ଆସୁଥିବାରୁ ପ୍ରତ୍ୟେକ ଗ୍ରାମରେ ଯେପରି ପିଇବା ପାଣି ସହଜରେ ଉପଲବ୍ଧ ସହ ରାସ୍ତା ଛକ ଗୁଡିକରେ ପିଇବା ପାଣି ଲୋକେ ଯେପରି ପାଇ ପାରିବେ ସେ ଉପରେ ଦୃଷ୍ଟି ଦେବାକୁ କୁହାଯାଇଥିଲା।

### ବିଦ୍ୟାଳୟରେ ପାଠ ପଢ଼ାଇଲେ ପ୍ରକଳ୍ପ ନିର୍ଦ୍ଦେଶକ

ମାଲକାନଗିରି,୨୭।୨(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ହଳଧର ଶବରଙ୍କ କାର୍ଯ୍ୟରେ ଯୋଗଦାନ୍‌ପରେ ସେ ବିଭିନ୍ନ କାର୍ଯ୍ୟର ସମୀକ୍ଷା ସହ ବିଦ୍ୟାଳୟ ଗୁଡିକ ଗସ୍ତ କରିଛନ୍ତି। ଏହି କ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଶବର ପ୍ରଥମେ ପାଣ୍ଡ୍ରିପାଣି ଅଞ୍ଚଳ ଗସ୍ତ କରି ବିଭିନ୍ନ କାର୍ଯ୍ୟ ପରିଦର୍ଶନ କରିବା ସହିତ ଜାତି ଜନଜାତି ହଷ୍ଟେଲ ବିଦ୍ୟାଳୟ ପହଞ୍ଚିଥିଲେ। ମାଟ୍ରିକ ପରୀକ୍ଷା ଚାଲିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ପାଣ୍ଡ୍ରିପାଣି ହଷ୍ଟେଲ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ସହ ପରୀକ୍ଷା ନିମନ୍ତେ କିଛି ପରାମର୍ଶ ଦେଇଥିଲେ। ଏହାପରେ ସମସ୍ତ ଅନ୍ତେବାସୀ ଏବଂ ଶିକ୍ଷକଙ୍କ ସହିତ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ।

# ଆନ୍ଦୋଳନକାରୀଙ୍କୁ ସମର୍ଥନ କଲା ଜିଲା କଂଗ୍ରେସ

■ ୩୭ ପାରାମେଡିକାଲ କର୍ମଚାରୀଙ୍କୁ କାର୍ଯ୍ୟଚ୍ୟୁତ ଘଟଣା

■ ସିଡିଏମ୍‌ଓ, ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କଲେ କଂଗ୍ରେସ ପ୍ରତିନିଧି ଦଳ

ନବରଙ୍ଗପୁର,୨୭।୨(ସଦାଶିବ ପ୍ରହରାଜ)



ଧାରଣାରେ ବସିଥିବା ଛଟେଇ କର୍ମଚାରୀଙ୍କ ସହ ଜିଲା କଂଗ୍ରେସ ପ୍ରତିନିଧି ଦଳ।

ନବରଙ୍ଗପୁର ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ଏଭଳି ସ୍ଥିତିରେ ରାଜ୍ୟ ସରକାର ପାରାମେଡିକାଲ ସ୍ୱାସ୍ଥ୍ୟ କର୍ମୀଙ୍କୁ କାର୍ଯ୍ୟଚ୍ୟୁତ କରିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ବିଭାଗ ଓ ସରକାର ଏହି ଘଟଣାର ବିଚାର କରି କାର୍ଯ୍ୟଚ୍ୟୁତ ପାରାମେଡିକାଲ ସ୍ୱାସ୍ଥ୍ୟ କର୍ମୀ ପୁନଃ ଅସ୍ଥାପିତ ପାଇଁ ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ଦାବି ଜୋର ଧରିଛି। ଏହାର ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାନୁଆରୀ ୧୨ରୁ ଫାର୍ମାସିଷ୍ଟ, ଲ୍ୟାବ ଟେକ୍ନିସିଆନ, ଆଉଟସୋର୍ସିଂ ସଂସ୍ଥା ପକ୍ଷରୁ ନିୟୋଜିତ ଥିବା ୩୭ ଜଣ ଛଟେଇ କର୍ମଚାରୀ ପ୍ରତୀକ ଧାରଣାରେ ବସିଛନ୍ତି। ଧାରଣାସ୍ଥଳରେ ଗୁରୁବାର ଜିଲା କଂଗ୍ରେସ ସମର୍ଥନ କରିବା ସହିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଛନ୍ତି । ନବରଙ୍ଗପୁର ଜିଲା ସଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଦିଲୀପ ବେହେରା, ପରି ସାହୁ, ତୁଫାନ ଷଡ଼ଙ୍ଗୀ, ଅନାମୁ ବିଶ୍ୱାଳ, ବୃନ୍ଦାବନ ତ୍ରିପାଠୀ ପ୍ରମୁଖ କଂଗ୍ରେସ ନେତା ଧାରଣାସ୍ଥଳରେ ପହଞ୍ଚି ସ୍ୱାସ୍ଥ୍ୟକର୍ମୀଙ୍କ ଦାବିକୁ ସମର୍ଥନ କରିଥିଲେ। ଅନ୍ୟ ଜିଲାରେ ପାରାମେଡିକାଲ ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତି ହୋଇଥିବାବେଳେ ଏଠାରେ କାହିଁକି ସେମାନଙ୍କୁ ଚାକିରିରୁ ବିଚ୍ୟୁତ କରାଗଲା ବୋଲି ଜିଲା ସଭାପତି ଭୁଜବଳ ମାଝୀ ସିଡିଏମ୍‌ଓଙ୍କୁ ପ୍ରଶ୍ନ ପଚାରିଥିଲେ। ତେଣୁ କାର୍ଯ୍ୟଚ୍ୟୁତ କର୍ମଚାରୀଙ୍କୁ ପୁଣି ଚାକିରିରେ ଅବସ୍ଥାପିତ କରାଯାଉ ବୋଲି ସେ ଦାବି କରିଥିଲେ । ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ବିଭାଗରେ ଆଉଟ ସୋର୍ସିଂ ସଂସ୍ଥା ଭୁବନେଶ୍ୱରର ଏଲ୍‌ଏଣ୍ଡକେ ମାଧ୍ୟମରେ ୨୦୨୪ରେ ନିଯୁକ୍ତି ପାଇଥିବା ୩୭ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କାର୍ଯ୍ୟଚ୍ୟୁତ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗତ ୨୮ ତାରିଖରେ ସମ୍ପୃକ୍ତ ଆଉଟ ସୋର୍ସିଂ ସଂସ୍ଥାକୁ ଚିଠି ନମ୍ବର ୭୯୫ ଅନୁଯାୟୀ ଜଣାଇଛନ୍ତି। ଗତ ମାସ ୩୧ ତାରିଖ ସୁଦ୍ଧା ସେମାନଙ୍କୁ କାର୍ଯ୍ୟଚ୍ୟୁତ କରାଯାଇଛି । ସେମାନଙ୍କ ମଧ୍ୟରୁ ୬ ଜଣ ଫାର୍ମାସିଷ୍ଟ, ୨ ଜଣ ଲ୍ୟାବ୍ ଟେକ୍ନିସିଆନ ଓ ୨୯ ଜଣ ନର୍ସିଂ ଅଫିସର ରହିଛନ୍ତି। ଅନ୍ୟପକ୍ଷେ ୨୦୨୨-୨୩ ଓ ୨୦୨୩-୨୪ ବର୍ଷରେ ଆଉଟ ସୋର୍ସିଙ୍ଗ ସଂସ୍ଥା ମାଧ୍ୟମରେ ନିଯୁକ୍ତି ପାଇଥିବା ଅନ୍ୟମାନେ ନିୟମିତ କାର୍ଯ୍ୟ କରୁଛନ୍ତି। ୩୭ ଜଣ କର୍ମଚାରୀଙ୍କୁ ପୂର୍ବରୁ କୌଣସି ସୂଚନା ଦିଆ ନ ଯାଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଏଭଳି ପଦକ୍ଷେପକୁ କର୍ମଚାରୀମାନେ ବିରୋଧ କରି ଜିଲାପଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣାରେ ବସିଛନ୍ତି। କାର୍ଯ୍ୟଚ୍ୟୁତ ହୋଇଥିବା କର୍ମଚାରୀ ନବରଙ୍ଗପୁର ସଦର ମହାକୁମ୍ଭା ଡାକ୍ତରଖାନା, ଉମରକୋଟ ସବ୍‌ଡିଭିଜନ ମେଡ଼ିକାଲ, ତେନ୍ତୁଳିଖୁଣ୍ଟି, ପାପଡାହାଣ୍ଡି, ପୂଜାରିଗୁଡା, ଡାବୁଗାଁ, ନନ୍ଦାହାଣ୍ଡି, ଝରିଗାଁ, ହାଟବରଣ୍ଡି, କୋଷାଗୁମୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ କାମ କରି ରୋଗୀସେବା ପ୍ରଦାନ କରୁଥିଲେ।

# ବନ୍ଦଗୁଡ଼ା ଅଙ୍ଗନୱାଡି କେନ୍ଦ୍ର : ଭଙ୍ଗାଘରେ ଛୋଟ ପିଲାଙ୍କ ଭବିଷ୍ୟତ

ମାଥିଲି,୨୭।୨(ସୁବାସ ଚନ୍ଦ୍ର ଖୁଣ୍ଟୁପିଆ)


ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ର ।

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଅନ୍ତର୍ଗତ ଚାଉଳମେନ୍ଦି ପଞ୍ଚାୟତ ବନ୍ଦଗୁଡ଼ା ଗ୍ରାମରେ ଆମ ଅଙ୍ଗନୱାଡି କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ପିଲାମାନେ ପାଠ ପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥବାରୁ ଏଥିପ୍ରତି କୌଣସି ପ୍ରଶାସନିକ ଅଧିକାରୀ ଦୃଷ୍ଟିଦେଉନାହାନ୍ତି। ଫଳରେ ଛୋଟପିଲାଙ୍କ ଭବିଷ୍ୟତ ଭଙ୍ଗାଘରେ ଗଢ଼ାଯାଉଛି । ବର୍ଷା ହେଲେ ଛାତରୁ ପାଣି ଗଳୁଛି। କେତେବେଳେ ଛାତ ଭୁଶୁଡ଼ି ପଡିବ ତାହା କହିହେବ ନାହିଁ। ସବୁ ଜାଣି ମଧ୍ୟ ପିଲାଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ସରକାର। ଅଙ୍ଗନୱାଡି କେନ୍ଦ୍ରକୁ ସଜାଡ଼ିବା ପାଇଁ ଚାଉଳମେନ୍ଦି ପଞ୍ଚାୟତ ସମତି ସଭ୍ୟ ଉମେଶ ଚନ୍ଦ୍ର ଗୌଡ଼ ବାରମ୍ୱାର ବ୍ଲକ୍ ପ୍ରଶାସନକୁ ଲେଖି ଦେଇଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି । ମାଥିଲି ବ୍ଲକ୍‌ରେ ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ହେବ କେହି ବିଡିଓ ନ ଥିବାରୁ ବିଭିନ୍ନ କାମ ବାଧାପ୍ରାପ୍ତ ହେଉଛି । ମାଲକାନଗିରି ବିଡିଓ ତପନ କୁମାର ଶତପଥୀ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ନିୟମିତ ବିଡିଓ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏଠାରେ ବିଡିଓ ନିଯୁକ୍ତ କରିବାକୁ ଦାବି ହେଉଛି।

# ରକ୍ତାକ୍ତ ଅବସ୍ଥାରେ ବୃଦ୍ଧଙ୍କ ମୃତଦେହ ଜବତ

ଉମରକୋଟ,୨୭।୨ (ସନ୍ତୋଷ ଶତପଥୀ)

**ହତ୍ୟା ଅଭିଯୋଗ ଆଣିଲେ ପୁଅ, ଜଣେ ଅଟକ**

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅନ୍ତର୍ଗତ ବେନୋରା ଗ୍ରାମପଞ୍ଚାୟତର ନୂଆଗୁଡ଼ାଠାରେ ରକ୍ତାକ୍ତ ଅବସ୍ଥାରେ ଜଣେ ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ନୂଆଗୁଡା ଗ୍ରାମର ଲଛମନ ଗୌଡ଼ (୭୦) । ମୋ ବାପାଙ୍କୁ ହତ୍ୟା କରାଯାଇଥିବା ବୃଦ୍ଧଙ୍କ ପୁଅ ପର୍ଶୁ ଗୌଡ଼ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉମରକୋଟ ଥାନା ସବ୍ ଇନ୍ସପେକ୍ଟର ଶିବାଜୀ ପଣ୍ଡା ନବରଙ୍ଗପୁର ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପର୍ଶୁଙ୍କ ଅଭିଯୋଗ ଆଧାରରେ ପୋଲିସ ଜଣଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁସାରେ, ନୂଆଗୁଡ଼ା ଗ୍ରାମର ଲଛମନଙ୍କୁ ସେହି ଗ୍ରାମର ମୁକୁନ୍ଦ ଗୌଡ଼ ବୁଧବାର ସନ୍ଧ୍ୟା ୫ଟା ସମୟରେ ଗାଁଠାରୁ ୨ କି.ମି. ଦୂରରେ ଥିବା ମହୁଲ ବାଡ଼କୁ ରାତିରେ ଜଗିବା ପାଇଁ ଡାକି ନେଇଥିଲେ। ତେବେ ଗୁରୁବାର ସକାଳେ ଉକ୍ତ ସ୍ଥାନରେ ଲଛମନଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ନେଇ ମୁକୁନ୍ଦ ପର୍ଶୁଙ୍କ ଘରକୁ ଯାଇ କହିଥିଲେ। ବାହାରକୁ ନ ଯାଇ ତୋର ବାପାଙ୍କ ମୃତଦେହ ଦେଖିବୁ ଯା ବୋଲି କହିବାରୁ ପର୍ଶୁ ଘଟଣାସ୍ଥଳକୁ ଯାଇ ବାପାଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ରାତିରେ ମୋ ବାପା ମୁକୁନ୍ଦଙ୍କ ସହ ଥିଲେ। ମୁକୁନ୍ଦ ଓ ମୋ ବାପା ମଦ, ମାଂସ ଖାଇଛନ୍ତି ଏବଂ ପରେ ମୋ ବାପାକୁ ମୁକୁନ୍ଦ ହିଁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ବୋଲି ପର୍ଶୁ ଥାନାରେ ଅଭିଯୋଗ କରିଛନ୍ତି ।

# ୨ ଭାଜପା ନେତା ହାତାହାତି ଅଭିଯୋଗ

ଝରିଗାଁ,୨୭।୨(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଦୁଇ ଭାଜପା ନେତା ହାତାହାତି ହୋଇଛନ୍ତି। ଉଭୟ ନେତା ମୁହାଁମୁହିଁ ହେବା ପରେ ସେମାନଙ୍କ ସମର୍ଥକମାନେ ମଧ୍ୟ ପରସ୍ପର ମଧ୍ୟରେ ଗଣ୍ଡଗୋଳ କରିଥିଲେ। ଖବରପାଇ ଉଭୟ ପକ୍ଷକୁ ପୋଲିସ ଥାନାକୁ ଆଣି ପଚରାଉଚରା କରୁଛି ।

ଘଟଣା ଅନୁସାରେ, ଚନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟରେ ଗୁରୁବାର ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ସରିବା ଜଣେ ଭାଜପା ନେତା ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ଫେରିବା ସମୟରେ ଅନ୍ୟ ଜଣେ ଭାଜପା ନେତା ବ୍ଲକ କାର୍ଯ୍ୟାଳୟ ଫାଟକ ସାମ୍ନାରେ ତାଙ୍କ ଗାଡ଼ିକୁ ଅଟକାଇ ତାଙ୍କୁ ମୁଥ ମାରିଥିବା ଅଭିଯୋଗ ହୋଇଛି। ପରେ ସେମାନଙ୍କ ମଧ୍ୟରେ ହାତାହାତି ହେବା ସହ ଉଭୟ ପକ୍ଷଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ଏହି ସମୟର ଚନ୍ଦାହାଣ୍ଡି ଥାନା ଏସ୍‌ଆଇ ଖଗେଶ୍ୱର ଖୋସଲା, ଏଏସ୍‌ଆଇ ଲାବଣ୍ୟ ବେମାଲ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ପଚରାଉଚରା ପାଇଁ ଥାନାକୁ ଡ଼କାଇଥିଲେ। ସମ୍ପୃକ୍ତ ନେତା ଠିକା କାମକୁ ବିକ୍ରି କରିବା ସହ କୌଣସି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହେଉ ନ ଥିବାରୁ ଚନ୍ଦାହାଣ୍ଡି ବ୍ଲକ ଭାଜପା କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ଅଭିଯୋଗ ହୋଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇ ନ ଥିବା ଏସ୍‌ଆଇ ଖୋସଲା ପ୍ରକାଶ କରିଛନ୍ତି।

# ଗଣିତ ପରୀକ୍ଷା: ୨୧୭ ଛାତ୍ରୀଛାତ୍ର ଅନୁପସ୍ଥିତ

ମାଲକାନଗିରି, ୨୭।୨ (ନୃସିଂହ ଚରଣ ମହାନ୍ତି )

ମାଟ୍ରିକ ପରୀକ୍ଷାର ଗୁରୁବାର ଗଣିତ ବିଷୟ ଥିଲା। ମାଲକାନଗିରି ଜିଲାର ବିଭିନ୍ନ ସ୍କୁଲର ୮୨୨୩ ଜଣ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ । କିନ୍ତୁ ଏଥିରେ ୮୦୨୭ ଜଣ ଗଣିତ ପରୀକ୍ଷା ଦେଇଛନ୍ତି। ୧୯୪ ଅନୁପସ୍ଥିତ ଥିବା ଜଣାପଡିଛି। ଠିକ୍ ସେହିପରି ଏସ୍‌ଓଏସ୍‌ସି ପରୀକ୍ଷା ପାଇଁ ୨୬୦ ଜଣ ଫର୍ମ ପୂରଣ କରିଥିବା ବେଳେ ୨୩୭ ପରୀକ୍ଷା ଦେଇଥିଲେ । ସେଥିରୁ ୨୩ଜଣ ଅନୁପସ୍ଥିତ ଥିଲେ। ବିଭିନ୍ନ ସ୍କାର୍ଡ ୬ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲାରେ ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ପରିଚାଳନା ହେଉଥିବା ଭାରପ୍ରାପ୍ତ ଜିଲା ଶିକ୍ଷାଅଧିକାରୀ ଉମା ପ୍ରସାଦ ଦାଶ ସୂଚନା ଦେଇଛନ୍ତି।

# ମାଓବାଦୀ ସ୍ତୁପ ଧ୍ୱଂସ, ଅସ୍ତ୍ରଶସ୍ତ୍ର ଜବତ


ଧ୍ୱଂସ କରାଯାଇଥିବା ସ୍ତୁପ ଓ ଜବତ ଅସ୍ତ୍ରଶସ୍ତ୍ର ।

ମାଲକାନଗିରି, ୨୭।୨(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ଓ ସୁରକ୍ଷା କର୍ମୀଙ୍କ ଦ୍ୱାରା ମାଓବାଦୀ ସ୍ତୁପ ଧ୍ୱଂସ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ସୁକ୍‌ମା ସିଆର୍‌ପିଏଫ୍ ବାହିନୀ ଜୋନାଗୁଡା ଅଞ୍ଚଳରେ କୋମ୍ବିଂ ସମୟରେ ଏକ ମାଓବାଦୀ ସ୍ତୁପ ଦେଖିବାକୁ ପାଇଥିଲେ। ସେଠାରେ ସିଆର୍‌ପିଏଫ୍ ଓ ଗ୍ରାମବାସୀଙ୍କ ସହାୟତାରେ ଉକ୍ତ ସ୍ତୁପକୁ ଧ୍ୱଂସ କରିଥିଲେ। ଏଥିସହ କିଛି ମାସ ପୂର୍ବରୁ ଲୁଚାଇ ରଖାଯାଇଥିବା ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ଏହି ଅସ୍ତ୍ରଶସ୍ତ୍ର ନିକଟସ୍ଥ ଗ୍ରାମ ପୂବର୍ତ୍ତିଠାରୁ ଜବତ କରାଯାଇଛି। ଏଥିରେ ବନ୍ଧୁକ, ଟିଫିନ ବୋମା, କଡେକ୍ସ ତାର ଓ ପୁସ୍ତିକା ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଥିବା ଜଣାପଡିଛି।

ପ୍ରକାଶଯେ, ଜୋନାଗୁଡା ଓ ପୂବର୍ତ୍ତି ଗ୍ରାମ ହାଡ୍‌କୋର ମାଓବାଦୀ ହିଡ୍‌ମାଙ୍କ ଗ୍ରାମ। ସୁରକ୍ଷା କର୍ମୀଙ୍କ ଦ୍ୱାରା ହିଡ୍‌ମାଙ୍କ ଗ୍ରାମ ଉପରେ ଚଢ଼ାଉକରି ମାଓବାଦୀ ସ୍ତୁପ ଧ୍ୱଂସ କରିବା ସହ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକ ଲୋକଙ୍କୁ କାମ ଯୋଗାଇବାକୁ ନିର୍ଦ୍ଦେଶ

**ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ ଏମ୍‌ପି**

ଡାବୁଗାଁ, ୨୭।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)


ବୈଠକରେ ଏମ୍‌ପି ବଳଭଦ୍ର ମାଝୀଙ୍କ ସହ ଅନ୍ୟ ଅଧିକାରୀମାନେ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍‌ର ଅଞ୍ଚଳା ଗ୍ରାମରେ ଗୁରୁବାର ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ରେ ଚାଲୁଥିବା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମତ୍ସ୍ୟ, ଉଦ୍ୟାନ, ମହିଳା ଓ ଶିଶୁ ବିକାଶ, ପ୍ରାଣୀପାଳନ, ଜଙ୍ଗଲ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ବିଦ୍ୟୁତ୍, ମୃତ୍ତିକା ସଂରକ୍ଷଣ, ମିଶନ ଶକ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସାମାଜିକ ସୁରକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ଯୋଗାଣ ବିଭାଗ ଆଦି ବିଭାଗରେ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକରୁ ଅଧିକ ଲୋକଙ୍କୁ କାମ ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଡାବୁଗାଁର ବିକାଶ ପାଇଁ ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତି। ଏଥିରେ ଏମ୍‌ଜିଏନଆର୍‌ଇଜିଏସ୍, ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ଶୌଚାଳୟ ବ୍ୟବହାର, ପ୍ରତ୍ୟେକ ଲୋକଙ୍କ ଆଧାର କାର୍ଡ ଅପ୍‌ଡେଟ୍ ଉପରେ ଅଧିକ ଗୁରୁତ୍ୱାରୋପ କରିଥିଲେ ।

ଏହି ବୈଠକରେ ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝୀ, ବିଡିଓ ଶରତ ମାଝୀ, ତହସିଲଦାର ହରିଓମ୍ ଭୋଇ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଅଞ୍ଚଳା ସରପଞ୍ଚ ରମେଶ ମାଝି, ଭାଜପା ଡାବୁଗାଁ ମଣ୍ଡଳ ସଭାପତି ମନୋଜ ପାତ୍ର, ଜେ. ରାଜଶେଖର ରାଓ, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଭ୍ୟ ଜୟନ୍ତ କୁମାର ପାତ୍ର, ସୋମନାଥ ପୂଜାରୀ, ରତନ କଲାର, ଜି. ସତ୍ୟା ରାଓ, ନରେଶ ସିଂ, ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ମିନତୀ ଦାଶ, ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶୁଭାଶିଷ ସାହୁ, ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଉମାକାନ୍ତ ପଟ୍ଟନାୟକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଏନ୍. ଲୋକନାଥ ରେଡ୍ଡୀ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ମୃତ୍ତିକା ସଂରକ୍ଷଣ ରେଞ୍ଜର ଗୌତମ ସେଠୀ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ରାଉତ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଭଗବାନ ମାଝି, ସହକାରୀ ଯନ୍ତ୍ରୀ ଆନନ୍ଦ ମଣ୍ଡଳ, ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀ ରୋହିତ କିଷାନ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ, ଦିଲୀପ ଦୀପକ ମିଶ୍ର ଓ ଅବିନାଶ ନାୟକ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସୁସ୍ଥ ଗ୍ରାମ, ପଞ୍ଚାୟତ ପ୍ରତିଷ୍ଠା ପାଇଁ ପ୍ରଶିକ୍ଷଣ ଶିବିର

କୋରୁକୋଣ୍ଡା,୨୭।୨(ଶିବଦତ୍ତ ସାହୁ )

କୋରୁକୋଣ୍ଡା ବ୍ଲକ୍ ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବିଡିଓ ଅମୂଲ୍ୟ ସାହୁଙ୍କ ଅଧ୍ୟକ୍ଷତାରେ ସୁସ୍ଥ ଗ୍ରାମ ଓ ପଞ୍ଚାୟତ ପ୍ରତିଷ୍ଠା ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିପିଓ ସୁବାସ ଚନ୍ଦ୍ର ଖିଲ, ସହକାରୀ ଯନ୍ତ୍ରୀ ସୁକାନ୍ତ ସ୍ୱାଇଁ ଓ ସିପି ସତ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୁସ୍ଥ ପଞ୍ଚାୟତ ସମସ୍ତଙ୍କ ନିମନ୍ତେ ସୁସ୍ଥ ଓ ନିରାମୟ ଜୀବନ ସୁନିଶ୍ଚିତ କରିବା। ଏକ ସୁସ୍ଥ ନିରାମୟ ଜୀବନ ସହିତ ଜଡିତ ପ୍ରତିଟି ଦିଗରେ ଉନ୍ନତି ଆଣିବା ନିମନ୍ତେ ପଞ୍ଚାୟତର ପ୍ରମୁଖ ଭୂମିକା ରହିଛି। ଶିଶୁ ଓ ମହିଳାମାନଙ୍କ ନିମନ୍ତେ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ଏକ ସୁସ୍ଥ ବାତାବରଣର ଆବଶ୍ୟକତା ରହିଛି। ଉତ୍ତମ ପୁଷ୍ଟିକର ଖାଦ୍ୟ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ପାଇବା ନିତ୍ୟାନ୍ତ ଆବଶ୍ୟକ। ସ୍ୱାସ୍ଥ୍ୟ ଓ ଚିକିତ୍ସା ବୀମା ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବା,ଅଞ୍ଚଳର ପରିମଳ ବ୍ୟବସ୍ଥାକୁ ସୁଧାରିବା ସହ ଗ୍ରାମ ଓ ପଞ୍ଚାୟତକୁ କିପରି ସ୍ୱଚ୍ଛ ରଖାଯାଇ ପାରିବ ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ଶିବିରରେ କୋରୁକୋଣ୍ଡା ବ୍ଲକ ଅଧୀନରେ ଥିବା ୧୨ ସରପଞ୍ଚ, ୱାର୍ଡ ମେମ୍ବର, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ ।


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ସରପଞ୍ଚ, ୱାର୍ଡମେମ୍ବର, ଆଶା ଓ ଅଙ୍ଗନୱାଡି କର୍ମୀ ।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଜୟନ୍ତ କୁମାର ବେହେରା,** ପିତା: କୃଷ୍ଣ ଚନ୍ଦ୍ର ବେହେରା, **୨) କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା),** ପିତା: ଭରତ ବେହେରା / **ଗ୍ୟାରେଣ୍ଟିଦାତା: ଲିଲି ବେହେରା,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିୟୁପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | **କୃଷ୍ଣ ଚନ୍ଦ୍ର ବେହେରା,** ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: |

କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସପାଲିଟି ୱାର୍ଡ ନଂ.: ୯

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ବିଷମକଟକ ବିଡିଓ ଭାବେ ଦାୟିତ୍ୱ ନେଲେ ଶିବ ପଟ୍ଟନାୟକ


ଶିବ ପଟ୍ଟନାୟକ

ବିଷମକଟକ, ୨୭।୨ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ରେ ନୂତନ ବିଡିଓ ଭାବେ ଶିବ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ୧୧ ମାସ ଧରି ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍‌ର ବିଡିଓ ଭାବେ କାର୍ଯ୍ୟ କରିଥିଲେ। ଏବେ ସେ ବିଷମକଟକ ବ୍ଲକ୍‌କୁ ବଦଳି ହେବା ପରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ବିଷମକଟକ ବ୍ଲକ୍‌ରେ କାର୍ଯ୍ୟ କରୁଥିବା ବିଡିଓ ସଦାଶିବ ନାୟକ କଳାହାଣ୍ଡି ଜିଲାର ଧର୍ମଗଡ଼ ବ୍ଲକ୍‌କୁ ବଦଳିହୋଇଛନ୍ତି।

# ଖରାଦିନ ପୂର୍ବରୁ ପାନୀୟଜଳ ସମସ୍ୟା ଦୂର ଉପରେ ଗୁରୁତ୍ୱ

## ପଦ୍ମପୁର ପଞ୍ଚାୟତ ସମିତି ବୈଠକ

ପଦ୍ମପୁର, ୨୭।୨ (ପ୍ରଶାନ୍ତ କୁମାର କର)



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଏବଂ ଅଧିକାରୀ।

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ପଞ୍ଚାୟତ ସମିତି ସଭାଗୃହଠାରେ ଗୁରୁବାର ସ୍ୱତନ୍ତ୍ର ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଜାନିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବ୍ଲକ୍ ଅଧ୍ୟକ୍ଷା ମଣିମାଳା ଶବର, ତହସିଲଦାର୍ ଶଙ୍କର ବାଗ, ଏମ୍‌ପି ପ୍ରତିନିଧି ଏମ୍ ସୁରେଶ କୁମାର, ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପଦ୍ମପୁର ଗ୍ରାମ ପଞ୍ଚାୟତ ଅଧିକାରୀ ଗୌରାଙ୍ଗ କାଦମ୍ବୁଲୁ ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗୀୟ କାର୍ଯ୍ୟ ପନ୍ଥା ଉପସ୍ଥାପନା କରିଥିଲେ। ତୃଣମୂଳସ୍ତରରୁ ଉପୁଜୁଥିବା ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା କରି ସମାଧାନ କରାଯିବ ବୋଲି ବିଡ଼ିଓ ମତବ୍ୟକ୍ତ କରିଥିଲେ। ବିଶେଷକରି ଆଗକୁ ଗ୍ରୀଷ୍ମର ପ୍ରଭାବକୁ ଦୃଷ୍ଟିରେ ରଖି ଜଳ ସମସ୍ୟା କିପରି ଦୂର ହୋଇପାରିବ ଓ ଅଚଳ ନଳକୂପ ମରାମତି କାର୍ଯ୍ୟ ତୁରନ୍ତ ସାରିବାକୁ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଜଳ ଯୋଗାଣ ଯନ୍ତ୍ରୀ ଅଜୟ କୁମାର ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସ୍ମାର୍ଟ ମିଟର ଲଗାଇ ଗ୍ରାହକଙ୍କୁ ଯେଉଁଭଳି ଅଯଥା ହଇରାଣ କରାଯାଉଛି ତାହା ବନ୍ଦ ରଖିବାକୁ ମତ ରଖିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ଜଳଯୋଗାଣ, ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ଜଳସେଚନ, ଉଦ୍ୟାନ ବିଭାଗ, କୃଷି ବିଭାଗ, ପଶୁ ସମ୍ପଦ, ଶିଶୁ ବିକାଶ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସହକାରୀ ଯନ୍ତ୍ରୀ ରଶ୍ମିତା ଶବର, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଜଗେଜଶ୍ୱରୀ ଆଲ୍ଲୁ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗୀରି, ସମିତି ସଭ୍ୟ ଗୋଦାବରୀ ରାଉତ, ମାଗୁଣି ଶବର, ଶ୍ୟାମସୁନ୍ଦର ପାଣିଗ୍ରାହୀ ,ପ୍ରକାଶ ଚନ୍ଦ୍ର ସାହୁକାରଙ୍କ ସମେତ ବ୍ଲକ୍‌ର ୧୩ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହିଥିଲେ। ନୂତନ ବିଡିଓ ଜାନିଙ୍କ ପ୍ରଥମ ସମିତି ବୈଠକ ହୋଇଥିବାରୁ ବ୍ଲକ୍‌ର ପ୍ରତି ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟକୁ ଠିକ ଭାବେ ସମ୍ପାଦନ କରିବାକୁ ନିର୍ବାଚିତ ପ୍ରତିନିଧି ଓ ଅଫିସରଙ୍କ ସହଯୋଗ କାମନା କରିଥିଲେ। ଶେଷରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ସଫଳ ରୂପାୟନ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ଖସଡା ପ୍ରସ୍ତୁତ କରାଯାଇଥିଲା। ପ୍ରତି ପଞ୍ଚାୟତ ରେ ପାଠାଗାର, କମ୍ପ୍ୟୁଟର ପ୍ରଶିକ୍ଷଣ, ଭଳି ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଓ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅର୍ଥରାଶି ଯୋଗାଇ ଦିଆଯିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶାର କାର୍ଯ୍ୟଖସଡ଼ା ପ୍ରସ୍ତୁତ

## ଗୁଡାରି ପଞ୍ଚାୟତ ସମିତି ବୈଠକ

ଗୁଡାରି,୨୭।୨ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକ୍ କାର୍ଯ୍ୟାଳୟରେ ଗୁରୁବାର ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବ୍ଲକ୍ ଉପାଧ୍ୟକ୍ଷ ବିଶ୍ୱନାଥ ଶବର, ଜିଲା ପରିଷଦ ସଭ୍ୟ ପତି କ୍ରାସ୍କା, ଏମ୍‌ପି ପ୍ରତିନିଧି ପି. ବାବୁରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଓଡିଶା ସରକାରଙ୍କ ନୂତନ ଯୋଜନା "ବିକଶିତ ଗାଁ ବିକଶିତ ଓଡିଶା" ର ପଞ୍ଚ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ବ୍ଲକର ସମସ୍ତ ଗ୍ରାମରେ ଯେପରି ଏହି ଯୋଜନା ଲାଗୁ ହେବ ସେ ନେଇ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଯଦି କୌଣସି ଗାଁ ଏହି ଯୋଜନାରୁ ବାଦ୍ ପଡିଛି, ତେବେ ୨/୩ ଦିନ ମଧ୍ୟରେ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଆରଏସ୍ ସେହି ଗାଁକୁ ଯାଇ ତୁରନ୍ତ ସେହି ଗାଁକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଧାୟକ କହିଥିଲେ। ଏତଦ୍‌ବ୍ୟତୀତ ଜନ ପ୍ରତିନିଧି ଓ ସରକାରୀ ଅଧିକାରୀ ଏବଂ କର୍ମଚାରୀ ମିଳିମିଶି କାର୍ଯ୍ୟକରି ବ୍ଲକର ଉନ୍ନତି ପାଇଁ କାର୍ଯ୍ୟ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ବିଡ଼ିଓ ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।



ବୈଠକରେ ବିଧାୟକ ସତ୍ୟଜିତ ଗମାଙ୍ଗ ଉଦ୍‌ବୋଧନ ଦେଉଛନ୍ତି।

# ନିପୁଣ ମେଳାରେ ଶିକ୍ଷଣ ସାମଗ୍ରୀ, ହସ୍ତକଳା ପ୍ରଦର୍ଶନ

ରାୟଗଡା,୨୭।୨ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ସଦର ଗାନ୍ଧୀ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ନିପୁଣ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାୟଗଡା ସଦର କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଦାନନ୍ଦ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ରାୟଗଡା ବିଆରସିସି ବଳରାମ ହୁଇକା ମୁଖ୍ୟ ଅତିଥି, ପୌର ପରିଷଦ ୱାର୍ଡ ୧୫ ଓ ୧୭ ର କାଉନସିଲର ସନ୍ତୋଷ ଦଳେଇ ଓ ଏମ୍ ଶ୍ରୀନିବାସ ରାଓ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ୱାଙ୍ଗ୍ରାହି ଶବର ଓ ଛବିଲାଲ ସିଂ ଏବଂ ଅବସରପ୍ରାପ୍ତ ଏବିଇଓ ଲାଡି ଲକ୍ଷ୍ମଣମୂର୍ତ୍ତି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ରାୟଗଡ ସହରର କ୍ଲଷ୍ଟର ୧ରୁ ପ୍ରତ୍ୟେକ ବିଦ୍ୟାଳୟରୁ ୧୦ ଜଣ ଲେଖାଏଁ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ଜଣେ ଗାଇଡ ଶିକ୍ଷକ ଯୋଗଦେଇଥିଲେ। ପିଲାଙ୍କ ଦ୍ୱାରା ନିର୍ମିତ ଶିକ୍ଷଣ ସାମଗ୍ରୀ, ହସ୍ତକଳା ଓ ଚିତ୍ରକଳାର ପ୍ରଦର୍ଶନ କରାଯାଇ ଥିଲା । ଅତିଥିବୃନ୍ଦ ସମସ୍ତ ପ୍ରଦର୍ଶନକୁ ବୁଲି ଦେଖିବା ସହ ଶିଶୁଙ୍କୁ ଉତ୍ସାହିତ କରିଥିଲେ। ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା। ଏଥିରେ ଗାନ୍ଧୀନଗର କ୍ଲଷ୍ଟରର ସମସ୍ତ ଶିକ୍ଷକ ଓ ସିଆରସିସି ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ବେଦାନ୍ତ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ୍ ଶୁଭାରମ୍ଭ



ବେଦାନ୍ତ କମ୍ପାନୀ ଅଧିକାରୀ , କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ୱାସ୍ଥ୍ୟସେବା ୟୁନିଟ୍ ଶୁଭାରମ୍ଭ କରୁଛନ୍ତି।

## କାଶୀପୁର ଅଞ୍ଚଳରେ ଯୋଗାଇବ ମାଗଣା ଚିକିତ୍ସା ସୁବିଧା

ରାୟଗଡ଼ା,୨୭।୨(ଆଶିଷ ରଞ୍ଜନ ପଣ୍ଡା)

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାର କାଶୀପୁରଠାରେ ଗୁରୁବାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ୍ ଭ୍ୟାନର ଶୁଭାରମ୍ଭ କରାଯାଇଛି । କାଶୀପୁର ବ୍ଲକର ୨୧ଟି ଦୁର୍ଗମ ଗ୍ରାମକୁ ସେବା ପ୍ରଦାନ କରିବା ପାଇଁ ବେଦାନ୍ତ ଆଲୁମିନା କମ୍ପାନୀ ଏହି ପଦକ୍ଷେପ ନେଇଛି । ଏହି ଅବସରରେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନେତ୍ରାନନ୍ଦ ନାୟକ କହିଛନ୍ତି, ବେଦାନ୍ତ ଆଲୁମିନା ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ୍ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ପ୍ରାୟ ୧୦ହଜାର ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି । ଏହାଦ୍ୱାରା ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ହେବ ବୋଲି ଡା ନାୟକ କହିଛନ୍ତି । ଏହି ଅବସରରେ ବେଦାନ୍ତ ଆଲୁମିନା ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବା ଲୋକଙ୍କ ମୌଳିକ ଅଧିକାର । ବେଦାନ୍ତ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଅଣସଂରକ୍ଷିତ ଅଞ୍ଚଳକୁ ଅତ୍ୟାବଶ୍ୟକ ଚିକିତ୍ସା ସେବା ପ୍ରଦାନ କରୁଛି । ବେଦାନ୍ତ ଆଲୁମିନା ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଓ ତୃଣମୂଳସ୍ତରରେ କ୍ରୀଡ଼ା ଏବଂ ସଂସ୍କୃତିର ବିକାଶ କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ବୋଲି ସିଇଓ ଗୁପ୍ତା ସୂଚନା ଦେଇଛନ୍ତି। ବେଦାନ୍ତ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଭ୍ୟାନ୍‌ରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ବିଶେଷଜ୍ଞ ଓ ମେଡ଼ିକାଲ ଟେକ୍ନିସିଆନ ରହିଛନ୍ତି। ଏହି ୟୁନିଟ ମାଧ୍ୟମରେ ପ୍ରାଥମିକ ଚିକିତ୍ସା ପରାମର୍ଶ, ରକ୍ତ ପରୀକ୍ଷା, ରକ୍ତଚାପ ପରୀକ୍ଷଣ, ମୌଳିକ ଯାଞ୍ଚ ଏବଂ ସାଧାରଣ ରୋଗ ପାଇଁ ଅତ୍ୟାବଶ୍ୟକ ଔଷଧ ଆଦି ମାଗଣାରେ ପ୍ରଦାନ କରାଯିବ ବୋଲି ସିଇଓ ଗୁପ୍ତା କହିଛନ୍ତି ।

# ୧ ରନ୍‌ରେ ଗୁଡାରି ଚାମ୍ପିୟନ

## ମା’ ମାଣିକେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

ଗୁଡ଼ାରି,୨୭।୨(ପ୍ରମୋଦ କୁମାର ପତି)

ଗୁଡ଼ାରି ମିନି ଷ୍ଟାଡିୟମରେ ଦୀର୍ଘ ୧୫ ଦିନ ଧରି ଚାଲିଥିବା ମା’ ମାଣିକେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ରୋମାଞ୍ଚକର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାତ୍ର ୧ ରନରେ ରାୟଗଡ଼ା ଦଳକୁ ପରାସ୍ତ କରି ଗୁଡ଼ାରି ଦଳ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ଗୁଡ଼ାରି ଦଳ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୮୩ ରନ ସଂଗ୍ରହ କରିଥିଲା । ଜବାବରେ ରାୟଗଡ଼ା ଦଳ ୮ ଉଇକେଟ ହରାଇ ୮୨ ରନ ସଂଗ୍ରହ କରିଥିଲା । ବିଜେତା ଦଳକୁ ଟ୍ରଫି ସହ ନଗଦ ୩୩,୩୩୩ ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ୨୨,୨୨୨ ଟଙ୍କା ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନସ ମଲ୍ଲିକ, ମୀନକେଶ ବାବୁ, ଦୀପକ ବାବୁ, ଅମରନାଥ ଲିମା, ରଘୁନାଥ ବିଡ଼ିକା, ଗୋପାଳ କନ୍ଧପାଣି, ରଇଦାସ ପାତିକା, ଟିଙ୍କିନା ନନ୍ଦ, ସଞ୍ଜୟ ଲିମା, ବିକ୍ରମ ଲିମା ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ ଦେଖିବା ପାଇଁ ପଡ଼ିଆର ଚତୁଃପାର୍ଶ୍ୱରେ ବହୁ ସଂଖ୍ୟାରେ ଖେଳପ୍ରେମୀ ଉପସ୍ଥିତ ଥିଲେ।



ବିଜୟ ଟ୍ରଫି ସହ ଗୁଡ଼ାରି ଟିମ୍‌ର ଖେଳାଳି ଓ ଅତିଥିମାନେ।

# ଜଗନ୍ନାଥ ଦୋରା ବାର୍ ଆସୋସିଏଶନ ନିର୍ବାଚନ ଅଧିକାରୀ

ରାୟଗଡ଼ା,୨୭।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବାର୍‌ଆସୋସିଏଶନର ୨୦୨୫–୨୬ ବର୍ଷ ନିର୍ବାଚନ ପରିଚାଳନା ପାଇଁ ଆଇନଜୀବୀ ଜଗନ୍ନାଥ ଦୋରାଙ୍କୁ ନିର୍ବାଚନ ଅଧିକାରୀ ଭାବେ ଚୟନ କରାଯାଇଛି। ଏନେଇ ରାୟଗଡ଼ା ବାର୍ ଆସୋସିଏଶନ ସମ୍ପାଦକଙ୍କ ଆବାହନକ୍ରମେ ଗୁରୁବାର ବୈଠକରେ ନିଷ୍ପତ୍ତି ହୋଇଛି। ଆଗାମୀ ମାର୍ଚ୍ଚ ୨୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସଭାପତି, ଉପସଭାପତି, ସମ୍ପାଦକ, ସହ–ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ମାର୍ଚ୍ଚ ୫ ରୁ ୭ ଯାଏଁ ନାମାଙ୍କନ ଦାଖଲ, ୯ରେ ପ୍ରାର୍ଥିପତ୍ର ଯାଞ୍ଚ ପରେ ୧୨ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ସମୟସୀମା ରହିଛି। ଏହାପରେ ମାର୍ଚ୍ଚ ୧୩ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ଏବଂ ୨୯ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ଜଗନ୍ନାଥ ଦୋରା ସୂଚନା ଦେଇଛନ୍ତି ।

# ଗାୟତ୍ରୀ ମହାବିଦ୍ୟାଳୟରେ ଇପିଏଫ୍ ସଚେତନତା

ଗୁଣପୁର,୨୭।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଗାୟତ୍ରୀ ମହାବିଦ୍ୟାଳୟରେ ନିଧି ଆପକେ ନିକଟ ଇପିଏଫର ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଇପିଏଫ କାର୍ଯ୍ୟାଳୟର ଆକାଉଣ୍ଟ ଅଫିସର ତଥା ନୋଡଲ ଅଫିସର ମନୋରଞ୍ଜନ ସାହୁ ଏବଂ ସୋସିଆଲ ସିକ୍ୟୁରିଟି ଅଫିସର ପ୍ରେମ କୁମାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଡା.କାହ୍ନୁ ଚରଣ ପାଣିଗ୍ରାହୀ, ପ୍ରଶାସନିକ ଅଧିକାରୀ ପି.ଭି. କୋଟେଶ୍ୱର ରାଓ , ଆକାଉଣ୍ଟାଣ୍ଟ ଦିବାକର ମହାନ୍ତି, ଜିଆଇସିଏମଏସର ଅଧ୍ୟକ୍ଷ ସମରଜିତ କର ପ୍ରମୁଖ ମଞ୍ଚାସୀନ ଥିଲେ। ସାହୁ ଇପିଏର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଇପିଏଫର ୩ଟି ବିଭାଗ ଯଥା ଭବିଷ୍ୟ ନିଧି, ପେନସନ, ଏବଂ ଇନସ୍ୟୁରାନ୍ସ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ସହ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ପୁରୀରେ ଜାଗର -୨୦୨୫ କାର୍ଯ୍ୟକ୍ରମ

# ମୁନିଗୁଡାର ଓଡ଼ିଶୀ ନୃତ୍ୟଶିଳ୍ପୀ ସାନ୍‌ଭି ପଣ୍ଡା ପୁରସ୍କୃତ



ମୁନିଗୁଡା,୨୭।୨ (ନନ୍ଦକିଶୋରପଟ୍ଟନାୟକ)

ଜଗନ୍ନାଥ ଧାମ ପୁରୀର ଅନ୍ନପୂର୍ଣ୍ଣା ଥିଏଟରଠାରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେସନ ଦ୍ୱାରା ଅନୁଷ୍ଠିତ ଜାଗର–୨୦୨୫ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ନୃତ୍ୟ ଶିଳ୍ପୀଙ୍କୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା। ୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲା ମୁନିଗୁଡାର ଓଡ଼ିଶୀ ନୃତ୍ୟଶିଳ୍ପୀ ସାନ୍‌ଭି ପଣ୍ଡା ପୁରସ୍କୃତ ହୋଇଛନ୍ତି। ମଞ୍ଚରେ ଓଡିଶୀ ନୃତ୍ୟ ପରିବେଷଣ କରି ନୃତ୍ୟଶିଳ୍ପୀ ସାନଭିଙ୍କ ସହ ତାଙ୍କ ନୃତ୍ୟ ଗୁରୁ ସସ୍ମିତା ପଣ୍ଡା ମଧ୍ୟ ପୁରସ୍କୃତ ହୋଇଛନ୍ତି। ସାନ୍‌ଭି ମୁନିଗୁଡା ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ବିରାଟ କିଶୋର ପଣ୍ଡା ଓ ନନ୍ଦିତା ମହାପାତ୍ରଙ୍କ ଝିଅ। ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ପୁରସ୍କାର ପାଇବା ପରେ ସାନ୍‌ଭି ଓ ସସ୍ମିତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଗୁଲୁଣ୍ଡିକୁ ହରାଇ ତାରଲିଙ୍ଗ ଟିମ୍ ବିଜୟୀ

## ମା’ଠାକୁରାଣୀ ଭଲିବଲ ଟୁର୍ନାମେଣ୍ଟ

ରାମନାଗୁଡ଼ା,୨୭।୨(ସଞ୍ଜୟ ପ୍ରଧାନ)

ରାମନାଗୁଡ଼ା ବ୍ଲକ୍ ପାରିଖିତି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିନ୍ନିଦା ଗ୍ରାମରେ ଗତ ୧୦ ତାରିଖରୁ ଚାଲିଥିବା ମା’ ଠାକୁରାଣୀ ଭଲିବଲ ଟୁର୍ନାମେଣ୍ଟ ଗୁରୁବାର ଶେଷ ହୋଇଯାଇଛି। ଟୁର୍ନାମେଣ୍ଟରେ ୩୨ଟି ଟିମ୍ ଯୋଗଦେଇଥିଲେ। ଫାଇନାଲ ମ୍ୟାଚରେ ଗୁଲୁଣ୍ଡି ଦଳକୁ ହରାଇ ତାରଲିଙ୍ଗ ଟିମ୍ ବିଜୟୀ ହୋଇଥିଲେ। ଚାମ୍ପିୟନ ହୋଇଥିବା ଟିମ୍‌କୁ କପ ସହ ୧୫୦୦୦ ଟଙ୍କାର ବିଜୟ ରାଶି ଏବଂ ଉପବିଜେତା ଦଳକୁ ୯୦୦୦ଟଙ୍କା ନଗଦ ରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଗଗନ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ପାରିଖିତି ସରପଞ୍ଚ ସୂର୍ଯ୍ୟରାଓ କୁମ୍ବିକୋ, ଶୁଣ୍ଡିଡାମୁଣୀ ପଞ୍ଚାୟତର ସମିତି ସଭ୍ୟ କମଳ ଲୋଚନ ମୁଟିକା, ସଞ୍ଜୟ କୁମାର ପ୍ରଧାନ, ଗୁଲୁଣ୍ଡି ଗ୍ରାମପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ ଗୌଡ଼ ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବିନ୍ନିଦା ଗ୍ରାମର ମୋହନ କାଡ୍ରାକା, ଲାଲୁ ଓ ବୁଦ୍ଧ ମାଣ୍ଡାଙ୍ଗି ତାଙ୍କ ଟିମ୍ ପରିଚାଳନା କରିଥିଲେ। ବେଷ୍ଟ ହିଟର ଭାବେ ତାଲିଙ୍ଗ ଟିମ୍‌ର ନରେନ୍ଦ୍ରଙ୍କୁ ପୁରସ୍କୃତ କରାଯାଇଥିବାବେଳେ ବେଷ୍ଟ ନେଟର ଭାବେ କାମନଗୁଡ଼ା ଟିମ୍‌ର ଫିଲିଫସ୍ ଏବଂ ବେଷ୍ଟ ପ୍ଲେୟାର ଭାବେ କାରୁବାଇ ଟିମ୍‌ର ଜଳନ୍ଧର ଏବଂ ବେଷ୍ଟ ଶୃଙ୍ଖଳିତ ଟିମ୍ ଭାବରେ ବିରୁବାଇ ଟିମ୍‌କୁ ପୁରସ୍କୃତ କରାଯାଇଥିଲା।


ଅତିଥି ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି।

# ଗୁମ୍ମା ଘାଟିରେ ପୁଣି ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ, ରାସ୍ତା ଜାମ୍

## ଯାତାୟାତ ବାଧାପ୍ରାପ୍ତ, ଯାତ୍ରୀ ହନ୍ତସନ୍ତ

ରାୟଗଡ଼ା,୨୭।୨(ଆଶିଷ ରଞ୍ଜନ ପଣ୍ଡା)



ଆଲୁମିନିୟମ ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିବାରୁ ୩୨୬ ନଂ ଜାତୀୟ ରାଜପଥ ଜାମ ହୋଇଛି।

ରାୟଗଡ଼ା,୨୭।୨(ଆଶିଷ ରଞ୍ଜନ ପଣ୍ଡା)– ଦିନକୁ ଦିନ ବିପଦଜ୍ଜନକ ହୋଇପଡିଛି ରାୟଗଡ଼ା –କୋରାପୁଟ ୩୨୬ ନଂ ଜାତୀୟ ରାଜପଥ ମୁଖ୍ୟ ରାସ୍ତାରେ ରହିଥିବା ରାୟଗଡ଼ା ବ୍ଲକର ଗୁମ୍ମା ଘାଟି। ଏହି ରାସ୍ତାର ବୁଲାଣିରେ ବୁଧବାର ଗୋଟିଏ ଟ୍ରେଲର ଓଲଟିଯିବାରୁ ଦୀର୍ଘ ୮ ଘଣ୍ଟା ଧରି ଜାତୀୟ ରାଜପଥ ଜାମ ହୋଇଥିଲା। ବୁଧବାର ବିଳମ୍ବିତ ରାତିରୁ ପୁଣି ଏକ ଆଲୁମିନିୟମ ବୋଝେଇ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହେବାରୁ ଆଉ ଥରେ ରାସ୍ତା ଜାମ ରହିବା ସହ ଗୁମ୍ମା ଘାଟିରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ବାଇକ୍, ଟ୍ରକ ଓ ଯାତ୍ରୀବାହୀ ବସ୍ ଅଟକି ରହିଥିଲା। ଫଳରେ ରାୟଗଡ଼ାଠାରୁ କାଶୀପୁର, ଟିକିରି ସମେତ କୋରାପୁଟ ଜିଲା ନାରାୟଣପାଟଣା, ବନ୍ଧୁଗାଁ, ଲକ୍ଷ୍ମୀପୁର, କାକିରିଗୁମା, କୋରାପୁଟ ଆଦି ଅଞ୍ଚଳକୁ ବାଇକ୍, କାର, ବସ ଆଦି ଯାତାୟାତ କରୁଥିବା ଯାତ୍ରୀମାନେ ଅଟକି ରହିଥିଲେ। ଏଭଳିକି ଦଶମ ଶ୍ରେଣୀ ପରୀକ୍ଷା ପାଇଁ ନିକଟସ୍ଥ ପରୀକ୍ଷା କେନ୍ଦ୍ରକୁ ଯିବାକୁ ପରୀକ୍ଷାର୍ଥୀ ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ କୁମ୍ଭୀକୋଟା ଫାଣ୍ଡି ପୋଲିସ ଓ ରାୟଗଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ରାସ୍ତା ଉପରୁ ହଟାଇବା ପରେ ଦିନ ୧୨ଟାରେ ଏହି ରାସ୍ତା ଜାମ୍ ହଟିଥିଲା। ଗୁମ୍ମା ଘାଟିରେ ଏହିଭଳି ଗାଡି ଦୁର୍ଘଟଣା ଘଟି ରାସ୍ତା ଜାମ ରହୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି।

ପ୍ରକାଶ ଥାଉକି, ଗୁମ୍ମା ଘାଟିର ବୁଲାଣିରେ ବୁଧବାର ଏକ ବଡ଼ ଟ୍ରେଲର ଟ୍ରାନ୍ସଫର୍ମର ଧରି ଯାଉଥିବା ବେଳେ ଓଲଟିଯିବାରୁ ଦୀର୍ଘ ୮ ଘଣ୍ଟା ଧରି ରାୟଗଡା କୋରାପୁଟ ୩୨୬ ନଂ ଜାତୀୟ ରାଜପଥ ରାସ୍ତା ଜାମ ହୋଇଥିଲା। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା ।

**ସଂକ୍ଷେପରେ**

## ଯୁବକଙ୍କ ଆତ୍ମହତ୍ୟା

ଜୟପୁର,୨୭।୨(ପବନ ପାଣିଗ୍ରାହୀ)

ଜୟପୁର ବଢ ତେଲି ସାହିର ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଅଭୟ କୁମାର ଜୈନ(୩୬)। ଏ ନେଇ ପରିବାର ଜୟପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ୫/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିବା ଟାଉନ ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି। ପାରିବାରିକ ବିବାଦରୁ ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ଦେଶୀ ମଦ ଚାଲାଣ, ୨ ଗିରଫ

ଜୟପୁର,୨୭।୨(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ନିରୀକ୍ଷକ ଓ ଅବକାରୀ ଥାନା ପକ୍ଷରୁ ଗୁରୁବାର ଚଢାଉ କରାଯାଇଛି। ମଦ ଚାଲାଣ ହେଉଥିବା ବେଳେ ପଟ୍ଟନାୟକଗୁଡା ସାହି ରାସ୍ତାରେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଚଢାଉ କରାଯାଇ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତାଙ୍କଠାରୁ ୮ ଲିଟର ଦେଶୀ ମଦ ଜବତ କରାଯାଇଥିବା ଜୟପୁର ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି। ସେହିପରି ପୁରୁଣାଗଡ ସାହି ରାସ୍ତା ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୮ ଲିଟର ଦେଶୀ ମଦ ଜବତ କରାଯାଇଥିବା ଅବକାରୀ ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

## ଆଇନଜୀବୀଙ୍କ ଘରୁ ଚୋରି

ଜୟପୁର,୨୭।୨(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ପାଙ୍ଗିଆଗୁଡାରେ ଚୋରି ହୋଇଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ଓଡ଼ିଶା ହାଇକୋର୍ଟରେ ଆଇନଜୀବିଭାବେ କାର୍ଯ୍ୟରତ ପାଙ୍ଗିଆଗୁଡାର ମନୋରଞ୍ଜନ ପାଢୀଙ୍କ ଘରେ ଗ୍ୟାଟ୍ ଭାଙ୍ଗି ୧୨ହଜାର ଟଙ୍କା, ସିସିଭି ଓ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଥିବା ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ସ୍ୱାମୀଙ୍କୁ ଆକ୍ରମଣ ପରେ ସ୍ତ୍ରୀଙ୍କୁ ଅସଦାଚରଣ

ଦିଗପହଣ୍ଡି,୨୭।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଭୀଷ୍ମଗିରି ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଠାକୁରାଣୀ ଛକର ରବି ନାୟକଙ୍କୁ ଦଳିତ ସାହିର ଲାଲୁ ନାୟକ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଏପରିକି ରବିଙ୍କ ସ୍ତ୍ରୀ ରେଣୁ ନାୟକଙ୍କୁ ମଧ୍ୟ ଘର ସମ୍ମୁଖରେ ଲାଲୁ ଅସଦାଚରଣ କରିଥିବା ନେଇ ଏତଲା ହୋଇଛି। ଏତଲାକୁ ଭିତ୍ତିକରି ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ନଂ.୮୩/୨୫ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ମଙ୍ଗଳବାର ରାତି ପ୍ରାୟ ୧୦ ଟାରେ ଲାଲୁ ରବିଙ୍କ ଘର ସମ୍ମୁଖରେ ପହଞ୍ଚି ତାଙ୍କୁ ଆକ୍ଷେପ କରି ଗାଳି କରିଥିଲେ। ରବି ପ୍ରତିବାଦ କରିବାରୁ ସେ ଧରିଥିବା ଏକ ଛୁରିରେ ତାଙ୍କୁ ଆକ୍ରମଣ ଉଦ୍ୟମ କରିବାବେଳେ ତଳେ ପଡ଼ିଯାଇଥିଲେ। ପରେ ଏକ ବାଉଁଶ ଠେଙ୍ଗାରେ ଲାଲୁ ରବିଙ୍କୁ ମାଡ଼ ମାରିଥିଲେ। ରବିଙ୍କ ସ୍ତ୍ରୀ ଛଡ଼ାଇବାକୁ ଯିବାରୁ ଲାଲୁ ତାଙ୍କୁ ଅସଦାଚରଣ କରିଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି।

# ଆଧୁନିକ ଯନ୍ତ୍ରପାତି କୃଷିରେ ବ୍ୟବହାର କରିବାକୁ ଆହ୍ୱାନ

**ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା**

ଜୟପୁର, ୨୭।୨(ପବନ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ବିଧାୟକ ରଘୁରାମ ମାଛ ଓ ଅନ୍ୟ ଅତିଥିମାନେ।

କୋରାପୁଟ ଜିଲା ଜୟପୁର ଦଶହରା ପଡିଆରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହା ଆଗାମୀ ୩ ତାରିଖ ଯାଏ ଚାଲିବ। ଏଥିରେ ମୁଖ୍ୟ ଅତିଥି କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇଥିଲେ। ଚାଷ କାର୍ଯ୍ୟରେ ଆଧୁନିକ ଯନ୍ତ୍ରପାତି ପ୍ରୟୋଗ କରି କୃଷି କ୍ଷେତ୍ର ଅଗ୍ରଗତି କରିବାକୁ ଆହ୍ୱାନ ଦେଇଥିଲେ। ଜିଲାରେ କୃଷି ଜାତ ଦ୍ରବ୍ୟ ଉତ୍ପାଦନ କରି ବାହାର ଦେଶକୁ ରପ୍ତାନୀ କରିବା ନେଇ ସମସ୍ତ ଚାଷୀ ତତ୍ପର ହେବା ଆବଶ୍ୟକ ବୋଲି ବିଧାୟକ ମାଛ ସଚେତନ କରିଥିଲେ। ମେଳାରେ ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଉପାଧ୍ୟକ୍ଷ ରାଧା ବିନୋଦ ସମାନ୍ତରାୟ, ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଜିଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ, ଜିଲା ମତ୍ସ୍ୟ ଅଧିକାରୀ ଭରତ ଭୁଷଣ ସାହୁ, କୋରାପୁଟ ବିଭାଜନର କୃଷି ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମିଶ୍ର, ଏସ୍‌ଡିଭିଓ ବିଶ୍ୱଜିତ ରାୟ ଓ କୃଷି ଜିଲା ଅଧିକାରୀ ଲୋଚନ ଚନ୍ଦ୍ର ମାଝୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଜିଲାର ଲମତାପୁଟ, କୋରାପୁଟ ଓ ସେମିଳିଗୁଡା ବ୍ଲକ୍‌ର ଶ୍ରେଷ୍ଠ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଲମତାପୁଟ ବ୍ଲକ୍‌ର ରାମଚନ୍ଦ୍ର ସୀସା, ଶାନ୍ତି ବଡନାୟକ, ଗଣନାଥ ମୁଦୁଲି, କର୍ଣ୍ଣ ଖରା, କୋରାପୁଟର ଗୌରି ପୂଜାରୀ, ପ୍ରଶାନ୍ତ ପଟଲି, ଲୋକନାଥ ବନ୍ଦ ପଦିଆ, ଆଦୁ ନାୟକଙ୍କୁ ଓ ସେମିଳିଗୁଡାର ସିଙ୍ଗୁରୁ ହନ୍ତାଳ, ସତ୍ୟନାରାୟଣ ରେଡ୍ଡୀ ଏବଂ ଭକ୍ତରାମ ଖିଲ ପ୍ରମୁଖ ୧୧ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା। ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତା ସଚେତନତା, କୃଷି ଆନୁସାଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣ ସୁଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍‌କାଳୀନ ବୁକିଂ ବ୍ୟବସ୍ଥା ରହିଛି। ମେଳାରେ ୧୦୦ ଷ୍ଟଲ ଖୋଲାଯାଇ ଚାଷରେ ବ୍ୟବହୃତ ଆଧୁନିକ ଯନ୍ତ୍ରପାତି ପ୍ରଦର୍ଶନ ପାଇଁ ୬୦ ଷ୍ଟଲ କରାଯାଇଛି। ମେଳା ପରିସରରେ ୧୦ଟି ଫୁଡ ଷ୍ଟଲ କରାଯାଇଛି । ୫ ଦିନରେ ୫୬ଜଣ ଚାଷୀଙ୍କୁ ସମ୍ମାନିତ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମାଟ୍ରିକ୍ ଗଣିତ ପରୀକ୍ଷାରେ ୨୯୮ ପରୀକ୍ଷାର୍ଥୀ ଅନୁପସ୍ଥିତ

କୋରାପୁଟ,୨୭।୨(ଅମିତାଭ ବେହେରା)

**କପି କରି ଜଣେ ଧରାପଡ଼ିଲେ**

କୋରାପୁଟ ଜିଲାରେ ମାଟ୍ରିକ ପରୀକ୍ଷାର ଗୁରୁବାର ଗଣିତ ପରୀକ୍ଷାରେ ୨୯୮ ଜଣ ଅନୁପସ୍ଥିତ ରହିଥିବା ବେଳେ ଜଣେ ପରୀକ୍ଷାର୍ଥୀ କପି କରି ସ୍କ୍ୱାର୍ଡ ଦ୍ୱାରା ଧରାପଡ଼ିଛନ୍ତି। ଜିଲାର ୭୮ଟି କେନ୍ଦ୍ରରେ ମୋଟ ୧୬,୪୩୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଗଣିତ ପରୀକ୍ଷାରେ ୧୬,୧୩୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ୨୯୮ ଜଣ ଅନୁପସ୍ଥିତ ଥିବା ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତ। ରେଗୁରାଲ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୫ଜଣ, ଏକ୍ସ-ରେଗୁଲାରରୁ ୪ ଜଣ, ଏସ୍‌ଓଏସ୍‌ସିରୁ ୪୫ ଜଣ, ମଧ୍ୟମାରୁ ୭ ଜଣ ଓ ପତ୍ର ମାଧ୍ୟମରେ ଧ୍୭ ଜଣ ପରୀକ୍ଷା ଦେଇ ନ ଥିବା ଜଣାପଡ଼ିଛି। ବୋର୍ଡର ୨ଟି ସ୍କ୍ୱାର୍ଡ ପକ୍ଷରୁ ଗୁରୁବାର ଜିଲାର ୫ଟି ପରୀକ୍ଷା କେନ୍ଦ୍ରେ ପରିଦର୍ଶନ କରାଯାଇ ସେଥିରୁ ପୋଡାଗଡ ଏସ୍‌ଏସ୍‌ଡି କେନ୍ଦ୍ରରେ କପି କରୁଥିବା ଜଣେ ପରୀକ୍ଷାର୍ଥୀକୁ ଧରିଥିବା ଜଣାପଡ଼ିଛି। ଅନ୍ୟ ଏକ ସ୍କ୍ୱାର୍ଡ ୯ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି।

# ବିଲ୍‌ଟି କର୍ତ୍ତୃପକ୍ଷଙ୍କୁ ଭେଟିଲେ ୪ ୟୁନିୟନ କର୍ମକର୍ତ୍ତା

ଜୟପୁର,୨୭।୨(ପବନ ପାଣିଗ୍ରାହୀ)

ଜୟପୁର ପେପର ମିଲ ପରିସରରେ ବିଲ୍‌ଟି କର୍ତ୍ତୃପକ୍ଷଙ୍କୁ ୪ ୟୁନିୟନର କର୍ମକର୍ତ୍ତାମାନେ ଗୁରୁବାର ଭେଟି ସମସ୍ୟା ଆଲୋଚନା କରିଛନ୍ତି। ଏମ୍‌ଇଆରପିଏଲ୍‌ର ନିର୍ଦ୍ଦେଶକ ଏମ.କେ ଗୁପ୍ତା, ଅର୍ଥ ବିଭାଗର ଅଭିଷେକ ପାଣ୍ଡେ, କାରଖାନା ମୁଖ୍ୟ ଏସ୍.ଏସ୍ ପାଲ, ଏଚ୍‌ଆର ମୁଖ୍ୟ ରମେଶ ଯାଦବଙ୍କ ସହ ୪ ୟୁନିୟନ୍‌ର ପ୍ରଦୀପ ପାଙ୍ଗିଆ, ଉମା ଶତପଥୀ, ସରୋଜ ସୁଆର, ସନ୍ଦୀପ ପଟ୍ଟନାୟକ,ଅମନ ଉଜବୀନ ନାୟକ, ଅଭୟ ପ୍ରଧାନ, ପ୍ରଦୀପ ରାୟ ଓ ଉପେନ୍ଦ୍ର ଜେନା ପ୍ରମୁଖ ଭେଟିଛନ୍ତି। ଶ୍ରମିକମାନଙ୍କ ୨୦୨୦ରୁ ପାଉଥିବା ଟଙ୍କା, ନିୟମିତ ଶ୍ରମିକ ଏବଂ ଅବସରପ୍ରାପ୍ତ ଶ୍ରମିକମାନଙ୍କ ବଳକା ଦରମା ସମ୍ପୂର୍ଣ୍ଣ ପିଏଫ ଟଙ୍କା ଶୀଘ୍ର ବାନ୍ଧିବା, ବକେୟା ଦରମାକୁ ଡିସେମ୍ବର ସୁଦ୍ଧା ପ୍ରଦାନ କରିବା, ସମସ୍ତ ଶ୍ରମିକଙ୍କ ଗ୍ରାଚୁଇଟି ପ୍ରଦାନ କରିବା, ଏପ୍ରିଲ ପ୍ରଥମ ସପ୍ତାହରୁ ବାକିଥିବା ଛୋଟ ବଡ ରିପେରିଂ କାମକୁ ଶୀଘ୍ର ସମାପ୍ତ କରିବା, ମଇ ପ୍ରଥମ ସପ୍ତାହରୁ କାଗଜ ଉତ୍ପାଦନ ଆରମ୍ଭ କରିବା, ୨ ମ୍ୟାସିନ ଚାଲିବ, ପ୍ରଥମ ମାସ ୧୫୦୦ ଟନ୍ ଓ ଦ୍ୱିତୀୟ ମାସ ୩ ହଜାର ଟନ ଓ ପରବର୍ତ୍ତୀ ମାସରେ ୫୫୦୦ ଟନ୍ କାଗଜ ଉତ୍ପାଦନ କରିବା ଲକ୍ଷ୍ୟ ରଖାଯାଇଛି। ନିଯୁକ୍ତି କ୍ଷେତ୍ରରେ ମଧ୍ୟ କର୍ତ୍ତୃପକ୍ଷ ଧ୍ୟାନ ଦେଇ ସମସ୍ତ ପଦବୀ ପୂରଣ କରାଯିବ ବୋଲି ଆଲୋଚନା ହୋଇଥିଲା।

# ରାଣୀ ଡୁଡୁମା ପର୍ଯ୍ୟଟନସ୍ଥଳୀରେ ରକ୍ଷଣାବେକ୍ଷଣ ଅଭାବ

**ପର୍ଯ୍ୟଟକଙ୍କ ପାଇଁ ନାହିଁ ମୌଳିକ ସୁବିଧା**

ସୁନାବେଡ଼ା/ସେମିଳିଗୁଡା, ୨୭।୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)


ବନ୍ଦ ପଡ଼ିଥିବା ଗୋଷ୍ଠୀ ଶୌଚାଳୟ।

କୋରାପୁଟ ଜିଲାର ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ରାଣୀ ଡୁଡୁମା ପର୍ଯ୍ୟଟନସ୍ଥଳୀ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟେ। ସେମିଳିଗୁଡା ବନାଞ୍ଚଳ ପକ୍ଷରୁ ପାର୍କ ଓ ସୌନ୍ଦର୍ଯ୍ୟକରଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ଭାଙ୍ଗିରୁଜି ଯାଇଛି। ପର୍ଯ୍ୟଟକଙ୍କଠାରୁ ଏଠାରେ ପ୍ରବେଶ ଶୁଳ୍କ ବାବଦକୁ ୨୦ ଟଙ୍କା ନିଆଯାଉଥିବା ବେଳେ ଭିତରେ ପିଇବା ପାଣି ଓ ଶୌଚାଳୟର ବ୍ୟବସ୍ଥା ନାହିଁ। ଜଳପ୍ରପାତ ନିକଟରେ କୌଣସି ପ୍ରକାର ସୁରକ୍ଷା ବ୍ୟବସ୍ଥା ନ ଥିବା ପର୍ଯ୍ୟଟକ ଅଭିଯୋଗ କରିଛନ୍ତି। ଦୈନିକ ହଜାର ହଜାର ପର୍ଯ୍ୟଟକ ମଧ୍ୟରେ ଶିଶୁ ଓ ମହିଳା ଥିବାରୁ ସୁରକ୍ଷାକର୍ମୀଙ୍କ ଆବଶ୍ୟକ ଥିବା କେତେକ ପର୍ଯ୍ୟଟକ ଦାବି କରିଛନ୍ତି। ବିଭାଗ ପକ୍ଷରୁ ଗେଟ୍ ବାହାରେ ମହିଳା, ପୁରୁଷ ଓ ଦିବ୍ୟାଙ୍ଗଙ୍କ ପାଇଁ ୩ଟି ଶୌଚାଳୟ ଥିବା ବେଳେ ସେଗୁଡିକ ତାଲା ପଡ଼ିଛି। ଫଳରେ ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ସମସ୍ୟା ସମ୍ପର୍କରେ ବନାଞ୍ଚଳ ଅଧିକାରୀ ତ୍ରୀପତି ପଣ୍ଡାଙ୍କୁ ପଚାରିବାରୁ ବନ ବିଭାଗ କରିଥିବା ଶୌଚାଳୟ ଗେଟ୍ ଭିତରେ ରହିଛି। ଯାହାକୁ ପର୍ଯ୍ୟଟକ ବ୍ୟବହାର କରୁଛନ୍ତି ଏବଂ କେତେକ ପର୍ଯ୍ୟଟକଙ୍କ ଅସାବଧାନତା ତଥା ଅସାମାଜିକ ବ୍ୟକ୍ତିଙ୍କ ଯୋଗୁ ଟାଇଲ୍‌ଗୁଡିକ ଭାଙ୍ଗି ଯାଇଛି, ଏହାର ମରାମତି କାମ ଚାଲିଛି ଓ ମାସେ ଭିତରେ ସରିବ ବୋଲି ସେ କହିଛନ୍ତି। କିନ୍ତୁ ରାଣୀ ଡୁଡୁମାର ରକ୍ଷଣାବେକ୍ଷଣ ଦାୟିତ୍ୱ ମା'ଭୈରବୀ ଓ ଗୋପୀନାଥ ୨ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯାଇଛି। ଏସ୍‌ଏଚ୍‌ଜି ସଭାପତିଙ୍କୁ ପଚାରିବାରୁ ସମସ୍ତ ରକ୍ଷଣାବେକ୍ଷଣ ତାଙ୍କର ବୋଲି ସ୍ୱୀକାର କରିବା ସହ ରହିଥିବା ଅବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯିବ ବୋଲି କହିଛନ୍ତି। ଅନ୍ୟପଟେ ବନ୍ଦ ଥିବା ଶୌଚାଳୟ ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କୁ ପଚାରିବାରୁ ଶୌଚାଳୟକୁ ପାଣିର ବ୍ୟବସ୍ଥା ନ ଥିବାରୁ ସେହି କାମ ଚାଲିଛି। ୧୦ ଦିନରେ ତାହା କାର୍ଯ୍ୟକ୍ଷମ ହୋଇଯିବ ବୋଲି କହିଛନ୍ତି।

# ବ୍ୟବସାୟୀଙ୍କ ଘରୁ ଚୋରି

ବୈପାରୀଗୁଡା, ୨୭।୨(କଳ୍ପତରୁ ମହାନ୍ତି)

ବୈପାରୀଗୁଡା ଥାନା ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତ ବେରଗାଁର ବ୍ୟବସାୟୀ ଧୀରେନ୍ ସାହୁଙ୍କ ଘରୁ ୩ଲକ୍ଷ ୪୦ ହଜାର ଓ ୬ ଭରି ସୁନାଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେ ଦୋକାନରେ ଥିବା ବେଳେ ଦୁର୍ବୃତ୍ତମାନେ ଚୋରି କରିଥିଲେ। ଏ ନେଇ ବୈପାରୀଗୁଡା ଥାନାରେ ୫୧/୨୫ରେ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ବୃତ୍ତମାନେ ଧରାପଡ଼ି ନାହାନ୍ତି। ସେହିପରି ବୁଧବାର ରାତିରେ ବ୍ଲକ୍‌ର ଦଶମନ୍ତପୁର ପଞ୍ଚାୟତ ନାଥଗୁଡାରେ ଜାଗର ଦେଖିବାକୁ ଦୋରାଗୁଡା ପଞ୍ଚାୟତର ୨ ବ୍ୟକ୍ତି ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ସେଠାରେ ବାଇକ୍ ରଖି ଯାତ୍ରା ଦେଖି ଫେରିବା ପରେ ସେମାନଙ୍କ ବାଇକ୍ ଚୋରି ହୋଇଥିଲା। ଏ ନେଇ ସେମାନେ ଗୁରୁବାର ଥାନାରେ ଅଭିଯୋଗ କରିଥିବା ବେଳେ ୫୨/୨୫ ଓ ୫୩/୨୫ରେ ମାମଲା ରୁଜୁ ହୋଇଛି।

# ହଟ୍‌ଏୟାର ବେଲୁନିଂ ପରୀକ୍ଷାମୂଳକ ଉଡ଼ାଣ, ସଫଳ ଅବତରଣ


ଏୟାର ବେଲୁନ୍ ଉଡ଼ାଣ ପରୀକ୍ଷା କରାଯାଉଛି ।

କୋରାପୁଟ,୨୭।୨(ଅମିତାଭ ବେହେରା)

କୋରାପୁଟ ଜିଲାରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଗୁରୁବାର ଦୁଇଟି ସ୍ଥାନରେ ହଟ୍ ଏୟାର ବେଲୁନିଂ ପରୀକ୍ଷାମୂଳକ ଉଡ଼ାଣ ଏବଂ ଅବତରଣ ସଫଳ ହୋଇଥିବା ସୂଚନା ମିଳିଛି। ବୁଧବାର ଦାମନଯୋଡ଼ିର ଡେଙ୍ଗା ଜାନୀଗୁଡ଼ା ଓ କୋରାପୁଟସ୍ଥିତ ଓଏସ୍‌ଏପି ପଡ଼ିଆରୁ ହଟ୍ ଏୟାର ବେଲୁନିଂ ପରୀକ୍ଷାମୂଳକ ଉଡ଼ାଣ ଏବଂ ଅବତରଣରେ ସଫଳତା ମିଳିଥିବା କୋରାପୁଟ ପିଡବ୍ଲୁଡି ଅଧୀକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକ କହିଛନ୍ତି। ଜିଲାର ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି। ପରୀକ୍ଷଣ ସଫଳ ହୋଇଥିବା ବେଳେ ସରକାରଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି। ଅନୁମତି ମିଳିଲେ ଏହା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରିବ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନୀ କହିଛନ୍ତି।

# ପୋଲାଭରମ ପ୍ରକଳ୍ପକୁ ବିରୋଧକରି ମଶାଲ ଶୋଭାଯାତ୍ରା

ମାଲକାନଗିରି, ୨୭।୨(ଗୌରୀଶଙ୍କର ପଣ୍ଡା)


ପୋଲାଭରମ୍‌କୁ ନେଇ ବାହାରିଥିବା ମଶାଲ ଶୋଭାଯାତ୍ରା ।

ମାଲକାନଗିରି ଜିଲା ସଦର ମହକୁମାରେ ପୋଲାଭରମ୍ ପ୍ରକଳ୍ପକୁ ବିରୋଧ କରି ଜିଲା ବିଜେଡି ତରଫରୁ ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ଆୟୋଜନ କରାଯାଇଥିଲା। ଶତାଧିକ ଦଳୀୟ ନେତା ଏବଂ କର୍ମୀ ଡ. ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶୋଭାଯାତ୍ରା ଆରମ୍ଭ କରିଥିଲେ। ଏଥିରେ ବସ୍‌ଷ୍ଟାଣ୍ଡଠାରୁ ଆରମ୍ଭ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟକୁ ଯାଇଥିଲା। ସେଠାରେ ସମସ୍ତ କର୍ମୀ ଏକତ୍ରିତ ହୋଇଥିଲେ । ଏହି ପ୍ରକଳ୍ପକୁ ରୋକା ଯିବ ଏବଂ ମାଲକାନଗିରି ଜିଲାକୁ କିପରି ସୁରକ୍ଷା ଦିଆଯିବ ସେ ନେଇ ଦଳୀୟ ନେତା ଓ କର୍ମୀ ସ୍ଲୋଗାନ ଦେଇଥିଲେ। ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲ, ପୌର ପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକ, ଉପାଧ୍ୟକ୍ଷା କବିତା ମହନ୍ତ, ବରିଷ୍ଠ ନେତା କୁକୁ ସିଂ, ବଂଶୀଧର ମୁଦୁଲି, ଛାତ୍ର ନେତା ତାପସ ରଞ୍ଜନ, ରାହୁଲ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# 'ରାଶନ କାର୍ଡ ହିତାଧିକାରୀ ଇ-କେୱାଇସି ବାଧ୍ୟତାମୂଳକ'

ଜୟପୁର,୨୭।୨(ପବନ ପାଣିଗ୍ରାହୀ)

ଜୟପୁର ସଭାଗୃହରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଞ୍ଚଳର ସମସ୍ତ ରାଶନ କାର୍ଡ ହିତାଧିକାରୀ ଇ-କେୱାଇସି ପରିସର ଭୁକ୍ତ ହେବା ବାଧ୍ୟତାମୂଳକ ବୋଲି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆକାବରମ୍ ଶସ୍ୟା ରେଡ୍ଡୀ ତାଗିଦ୍ କରିଛନ୍ତି। ଜୟପୁର ପୌରାଞ୍ଚଳରେ ଥିବା ୩୦ଜଣ ରାଶନ ବିକ୍ରୟ ଡିଷ୍ଟ୍ରିବ୍ୟୁଟରମାନଙ୍କୁ ଡାକି ଷ୍ଟୋର ଆସି ରାଶନ ସାମଗ୍ରୀ ନେଉଥିବା ହିତାଧିକାରୀଙ୍କୁ ସେମାନଙ୍କ ରାଶନ କାର୍ଡଗୁଡ଼ିକ ଇ-କେୱାଇସି କରିବା ବାଧ୍ୟତାମୂଳକ ବୋଲି କହିଥିଲେ। ବର୍ତ୍ତମାନ ସୁଦ୍ଧା ୩୦ଟି ରାଶନ ବିକ୍ରୟ ଡିଷ୍ଟ୍ରିବ୍ୟୁଟର ମଧ୍ୟରୁ ୧୦ଜଣ ଶତ ପ୍ରତିଶତ ଇ-କେୱାଇସି କରିଥିବା ବେଳେ ବଳକା ୨୦ଜଣ ୮୦ ପ୍ରତିଶତ ଇକେୱାଇସି କରିଛନ୍ତ। ଆଗାମୀ ୩୧ ସୁଦ୍ଧା ସମସ୍ତ ଡିଷ୍ଟ୍ରିବ୍ୟୁଟରମାନେ ଶତ ପ୍ରତିଶତ ଇ-କେୱାଇସିରେ ପଞ୍ଜୀକୃତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।


ବୈଠକରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆକାବରମ୍ ଶସ୍ୟା ରେଡ୍ଡୀ ଓ ଅନ୍ୟମାନେ ।

# କୁନ୍ଦୁରାରୁ କଟକକୁ ବସ୍ ସେବା ବାଧାପ୍ରାପ୍ତ

କୁନ୍ଦୁରା, ୨୭।୨(ସନ୍ତୋଷ ପ୍ରହରାଜ)

**ବସ୍ ଚଳାଚଳ ସାରଣୀରେ ପରିବର୍ତ୍ତନ ଦାବି**


...

କୋରାପୁଟ ଜିଲା କୁନ୍ଦୁରାରୁ କଟକ ହାଇଟେକ୍ ବସ୍ ଜରାଜୀର୍ଣ୍ଣ ଥିବାରୁ ଯାତ୍ରୀ ହଇରାଣ ହେଉଛନ୍ତି। ଦୀର୍ଘ ବର୍ଷର ଦାବି ପରେ ଜାନୁଆରୀ ୧୦ରୁ କୁନ୍ଦୁରାରୁ କଟକକୁ ହାଇଟେକ୍ ବସ ସେବା ଆରମ୍ଭ ହୋଇଥିଲା। କୁନ୍ଦୁରାରୁ ଭୁବନେଶ୍ୱର ଓ କଟକକୁ ସିଧା ବସ ସେବା ଆରମ୍ଭ ହୋଇଥିଲା। କିନ୍ତୁ ଭଙ୍ଗା ଦଦରା ବସ ଯୋଗାଇ ଦିଆଯାଇଥିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଚଳାଚଳ କରୁଥିବା ବସ୍ ତାହା କୁନ୍ଦୁରାଠାରୁ ଜୟପୁରକୁ ଯାତାୟତ ପାଇଁ ମଧ୍ୟ ଉପଯୋଗୀ ନ ଥିବା ଯାତ୍ରୀମାନେ କହିଛନ୍ତି। ଏହି ଦେଢ଼ ମାସ ମଧ୍ୟରେ ଯାତାୟତ ସମୟରେ କେଶପୁର ରମ୍ଭା ମଝି ରାସ୍ତା, ପୁଡାମାରି, ରାୟଗଡ଼ା ଓ ପୋଡ଼ାଗଡ଼ ଆଦି ସ୍ଥାନରେ ଅନେକଥର ଖରାପ ହୋଇଛି। ସେଠାରୁ ଯାତ୍ରୀଙ୍କୁ ଅନ୍ୟ ବସ୍‌ରେ ପଠାଯାଉଛି। ଅନେକ ସ୍ଥାନରେ ରାତ୍ରି ସମୟରେ, ନିଛାଟିଆ ଜାଗାରେ ବସ ଖରାପ ହେଲେ ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଫେବୃଆରୀ ୨୨ରେ ଶେରଗଡ଼ ରମ୍ଭା ମଝି ରାସ୍ତାରେ ଖରାପ ହେବା ପରଠାରୁ ବସ ସେବା ବନ୍ଦ ରହିଛି। ବସ୍ ଚଳାଚଳ ସମୟ ସାରଣୀରେ ଯାତ୍ରୀଙ୍କୁ ବହୁ ସମସ୍ୟା ହେଉଛି। କୁନ୍ଦୁରାରୁ ଅପରାହ୍ନ ୨ଟାରେ ଛାଡି ଭୁବନେଶ୍ୱରରେ ସକାଳ ୩ଟା ୩୦ରେ ପହଞ୍ଚୁଥିବାରୁ ସେଠାରେ ଯାତ୍ରୀ ବିଶ୍ରାମ କରିବା ପାଇଁ ହଇରାଣ ହେଉଥିବା କହିଛନ୍ତି। କୁନ୍ଦୁରାରୁ ସନ୍ଧ୍ୟା ୬ଟାରେ ବସ ଛାଡ଼ିଲେ ଯାତ୍ରୀଙ୍କ ସୁବିଧା ହୋଇପାରିବ ବୋଲି ମତ ରହିଛି। କୁନ୍ଦୁରାକୁ ନୂତନ ବସ ସେବା ପରେ ଦିନକୁ ଦିନ ଯାତ୍ରୀ ସଂଖ୍ୟା ବଢୁଥିବାରୁ ଏକ ଭଲ ବସ ଯୋଗାଇ ଦେବାରେ ସମ୍ପୃକ୍ତ ବିଭାଗ କାହିଁକି ପଦକ୍ଷେପ ନେଉ ନାହିଁ ବୋଲି ପ୍ରଶ୍ନ ଉଠିଛି।

ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀନିବାସ ପାଣିଗ୍ରାହୀଙ୍କୁ ପଚାରିବାରୁ କୁନ୍ଦୁରାରୁ କଟକକୁ ନୂତନ ବସ ଚଳାଚଳ ପାଇଁ ସମସ୍ତ ପ୍ରସ୍ତୁତି ସରିଛି ଏକ ସପ୍ତାହ ମଧ୍ୟରେ ଚଳାଚଳ କରିବ ବୋଲି କହିଛନ୍ତି।

